## ବିକାଶକ ଏବଂ ଲେଖକ


ଏ. କେ. ନାୟକ
ସଂଗୀତା ମହାନ୍ତି
ଆର. ରାଜା
ମହମ୍ମଦ ସାହିଦ୍
ବି. ଲାଲ
ରାହୁଲ ତ୍ରିପାଠୀ
ପି. ଭଟ୍ଟାଚାର୍ଯ୍ୟ
ବି. ବି. ପଣ୍ଡା
ପ୍ରିୟଙ୍କା ଗୌତମ
ଭି. କସ୍ତୁରୀ ତିଲଗମ୍
ଅଞ୍ଜନୀ କୁମାର
ଜେ. ମେହେର
କେ.ଏସ୍.ରାଓ



ଅଧିକ ସୂଚନା ନିମନ୍ତେ ସମ୍ପର୍କ କରନ୍ତୁ
ଡା. ତ୍ରିଲୋଚନ ମହାପାତ୍ର
ନିର୍ଦ୍ଦେଶକ
କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ
କଟକ (ଓଡ଼ିଶା - ୭୫୩୦୦୬)

ଫୋନ : +91-671-2367757
ପି.ଏ.ବି.ଏକ୍ସ : +91-671-2367768-783
ଫ୍ୟାକ୍ସ : +91-671- 2367663

ଇ-ମେଲ: directorcrri@sify.com
crrictc@nic.in





© ସମସ୍ତ ଅଧିକାର ସୁରକ୍ଷିତ
କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, ଆଇ ସି ଏ ଆର


# ବିଶିଷ୍ଟ ଭାବେ ନିର୍ମିତ ପତ୍ର ରଙ୍ଗର ଚାର୍ଟ (ଏଲ.ସି.ସି.) ଦ୍ୱାରା ଧାନ ଚାଷରେ ଯବକ୍ଷାରଜାନର ପରିଚାଳନା

**2013**


କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ
(ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ)
କଟକ (ଓଡ଼ିଶା) - ୭୫୩୦୦୬

## Proper holding position




ଉତ୍ପାଦକ

ନାଇଟ୍ରୋଜେନ ପାରାମିଟରସ୍

ପୋଷ୍ଟ ବକ୍ସ ନଂ: ୮୭୦୭

ଆଦାମ୍‌ବକ୍କମ୍, ଚେନ୍ନେଇ - **600 088**, ଭାରତ

ଫୋନ୍ : +91-4464614580 (ଅଫିସ୍)

ମୋ : +919884222269 (ମୋ)

ଇ-ମେଲ : business@nitrogenparameters.com

Web :www.nitrogenparameters.com


## ଏଲ.ସି.ସି. ବ୍ୟବହାର କିପରି କରିବେ

୧. ଧାନ ରୋଇବାର ୨୧ ଦିନ ଏବଂ ବୁଣିବାର ୨୮ ଦିନ ଠାରୁ ଆରମ୍ଭ କରି କେଣ୍ଡା ବାହାରିବାର ଏକ ସପ୍ତାହ ପର୍ଯ୍ୟନ୍ତ ୭ ଦିନ ବ୍ୟବଧାନରେ ପତ୍ର ରଙ୍ଗ ମପା ଯିବା ଉଚିତ । ଶଙ୍କର କିସମ ପାଇଁ ଫୁଲ ଉଡିବା ପର୍ଯ୍ୟନ୍ତ ପତ୍ର ରଙ୍ଗ ମାପିବା ଆବଶ୍ୟକ ।

୨. ସକାଳ ୮ଟାରୁ ୧୦ଟା ଭିତରେ କିମ୍ବା ଅପରାହ୍ଣ ୨ଟାରୁ ୪ଟା ଭିତରେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପତ୍ର ରଙ୍ଗ ମପାଯିବା ଉଚିତ୍ ।

୩. ପତ୍ର ରଙ୍ଗ ମାପିବା ପାଇଁ ଦଶଟି ସୁସ୍ଥ ସବଳ ଏବଂ ସଂପୂର୍ଣ୍ଣ ଖୋଲିଥିବା ଉପର ପତ୍ରକୁ ବାଛନ୍ତୁ ।

୪. ପତ୍ରର ରଙ୍ଗ ମାପିବା ସମୟରେ ସିଧା ସୂର୍ଯ୍ୟ କିରଣ ପଡିବା ଉଚିତ ନୁହେଁ । ତେଣୁ ଶରୀର ଛାଇରେ ଏଲ୍.ସି.ସି.କୁ ଧରି ପତ୍ର ରଙ୍ଗକୁ ମାପନ୍ତୁ ।

୫. ପ୍ରତ୍ରର ମଝିଭାଗ ଏଲ.ସି.ସି. ର ରଙ୍ଗ ପଟି ଉପରେ ରଖି ପତ୍ର ରଙ୍ଗକୁ ଏଲ.ସି.ସି. ରଙ୍ଗ ସହିତ ମିଳାନ୍ତୁ ।

୬. ଯଦି ଛଟି ପତ୍ରର ରଙ୍ଗ ଅନୁମୋଦିତ ଏଲ.ସି.ସି. ରଙ୍ଗର ମୂଲ୍ୟ ଠାରୁ କମ୍ ହୋଇଥାଏ, ତାହାହେଲେ ସାରଣୀରେ ଦିଆଯାଇଥିବା ନିର୍ଦ୍ଧାରିତ ମାତ୍ରାର ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

## ସଠିକ ସମୟରେ ଯବକ୍ଷାରଜାନର ପ୍ରୟୋଗ ପାଇଁ ପତ୍ର ରଙ୍ଗର ଚାର୍ଟ (ଏଲ.ସି.ସି.)ର ବ୍ୟବହାର ।

୧. ଧାନ ଗଛର ସବୁଜତା ଏବଂ ଯବକ୍ଷାରଜାନର ମାତ୍ରା ନିରୂପଣ କରିବାପାଇଁ ଏଲ.ସି.ସି. ଏକ ଶସ୍ତା, ସହଜ ଓ ସାବଲୀଳ ମାଧ୍ୟମ ।

୨. ଭିନ୍ନ ଭିନ୍ନ ଯବକ୍ଷାରଜାନ ମାତ୍ରାରେ ଚାଷ କରାଯାଇଥିବା ଶତାଧିକ ଧାନ କିସମର ପତ୍ରରଙ୍ଗ ବର୍ଣ୍ଣାଳୀ ଉପରେ ଆଧାରିତ ଏଲ୍.ସି.ସି. କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକସିତ କରାଯାଇଛି ।

୩. ଏହି ଏଲ.ସି.ସି. ଏବଂ ତଳେ ଦିଆଯାଇଥିବା ସାରଣୀକୁ ବ୍ୟବହାର କରି କୃଷକମାନେ ଯବକ୍ଷାରଜାନ ପ୍ରୟୋଗର ସଠିକ ସମୟ ଏବଂ ମାତ୍ରା ନିର୍ଦ୍ଧାରଣ କରିପାରିବେ ।

୪. ଏଲ.ସି.ସି.ର ବ୍ୟବହାର ଦ୍ୱାରା ଯବକ୍ଷାରଜାନର ଉପଯୋଗୀ କ୍ଷମତାକୁ ବଢ଼ାଇ ଅଧିକ ଅମଳ ଓ ଲାଭ କରାଯାଇ ପାରିବ ।

### ବିଭିନ୍ନ ପରିସ୍ଥିତିରେ ଧାନ ଚାଷରେ ଯବକ୍ଷାରଜାନର ପ୍ରୟୋଗ ନିମନ୍ତେ ଏଲ.ସି.ସି.ର ବ୍ୟବହାର

| ବିବରଣୀ | ବର୍ଷାଶ୍ରିତ ଖାଲ ଜମି | ବର୍ଷାଶ୍ରିତ ଢ଼ିପ ଜମି | ଜଳମଗ୍ନ ଏବଂ ବନ୍ୟା ଅଞ୍ଚଳ | ଜଳ ସେଚିତ ଖରିଫ୍ | ଜଳ ସେଚିତ ରବି | ଶଙ୍କର |
|---|---|---|---|---|---|---|
| କୃଷି ପ୍ରଣାଳୀ | ରୁଆଧାନ / ବୁଣାଧାନ | ବୁଣାଧାନ | ରୁଆଧାନ / ବୁଣାଧାନ | ରୁଆଧାନ | ରୁଆଧାନ | ରୁଆଧାନ |
| ମୂଳ ସାର ପ୍ରୟୋଗ | ରୋଇବାର ୦-୭ ଦିନ/ ବୁଣିବାର ୦-୧୪ ଦିନ ଭିତରେ | ବୁଣିବାର ୦-୧୪ ଦିନ ଭିତରେ | ରୋଇବାର ୦-୭ ଦିନ / ବୁଣିବାର ୦-୧୪ ଦିନ ଭିତରେ | ରୋଇବାର ୦-୭ ଦିନ ଭିତରେ | ରୋଇବାର ୦-୭ ଦିନ ଭିତରେ | ରୋଇବାର ୦-୭ ଦିନ ଭିତରେ |
| | ଏକର ପିଛା ୧୭ କିଗ୍ରା ୟୁରିଆ | ଏକର ପିଛା ୧୭ କିଗ୍ରା ୟୁରିଆ | ଏକର ପିଛା ୧୭ କେଜି ୟୁରିଆ | ଏକର ପିଛା ୨୩ କିଗ୍ରା ୟୁରିଆ | ଏକର ପିଛା ୨୯ କିଗ୍ରା ୟୁରିଆ | ଏକର ପିଛା ୩୫ କିଗ୍ରା ୟୁରିଆ |
| ଏଲ୍.ସି.ସି ମାପିବାର ଆରମ୍ଭ | ରୋଇବାର ୨୧ଦିନ / ବୁଣିବାର ୨୮ଦିନ | ବୁଣିବାର ୨୮ଦିନ | ରୋଇବାର ୨୧ଦିନ / ବୁଣିବାର ୨୮ଦିନ | ରୋଇବାର ୨୧ ଦିନ | ରୋଇବାର ୨୧ଦିନ | ରୋଇବାର ୨୧ଦିନ |
| ପରବର୍ତ୍ତୀ ପ୍ରୟୋଗ | ପତ୍ରର ରଙ୍ଗ ଏଲ.ସି.ସି. ୩*ରୁ କମ୍ ହେଲେ ଏକର ପିଛା ୧୭ କିଗ୍ରା ୟୁରିଆ | ପତ୍ରର ରଙ୍ଗ ଏଲ.ସି.ସି. ୩*ରୁ କମ୍ ହେଲେ ଏକର ପିଛା ୧୭ କିଗ୍ରା ୟୁରିଆ | ପତ୍ରର ରଙ୍ଗ ଏଲ.ସି.ସି. ୩*ରୁ କମ୍ ହେଲେ ଏକର ପିଛା ୧୭ କିଗ୍ରା ୟୁରିଆ | ପତ୍ରର ରଙ୍ଗ ଏଲ.ସି.ସି. ୩* ରୁ କମ୍ ହେଲେ ଏକର ପିଛା ୨୩ କିଗ୍ରା ୟୁରିଆ | ପତ୍ରର ରଙ୍ଗ ଏଲ.ସି.ସି. ୩*ରୁ କମ୍ ହେଲେ ଏକର ପିଛା ୨୯ କିଗ୍ରା ୟୁରିଆ | ପତ୍ରର ରଙ୍ଗ ଏଲ.ସି.ସି. ୩* ରୁ କମ୍ ହେଲେ ଏକର ପିଛା ୩୫ କିଗ୍ରା ୟୁରିଆ |
| ସମୁଦାୟ ପ୍ରୟୋଗର ସଂଖ୍ୟା | ମୂଳ ସାର ପ୍ରୟୋଗକୁ ମିଶାଇ ୩ ଥର | ମୂଳ ସାର ପ୍ରୟୋଗକୁ ମିଶାଇ ୨ ଥର | ମୂଳ ସାର ପ୍ରୟୋଗକୁ ମିଶାଇ ୨ ଥର | ମୂଳ ସାର ପ୍ରୟୋଗକୁ ମିଶାଇ ୩ ଥର | ମୂଳ ସାର ପ୍ରୟୋଗକୁ ମିଶାଇ ୩ ଥର | ମୂଳ ସାର ପ୍ରୟୋଗକୁ ମିଶାଇ ୪ ଥର |

*ଘନ ସବୁଜ ପତ୍ର ଥିବା ଧାନ କିସମ ଯଥା ସ୍ୱର୍ଣ୍ଣ ଇତ୍ୟାଦି ପାଇଁ ଏଲ.ସି.ସି.ର ରଙ୍ଗ ସଂଖ୍ୟା ୪ ରୁ କମ୍ ହେଲେ ଯବକ୍ଷାରଜାନ ପ୍ରୟୋଗ କରିବେ ।
ଜଳର ଗଭୀରତା ୫-୧୦ ସେ.ମି.କୁ କମିଯିବା ପରେ ।